# ଭା.କୃ.ଅ.ନୁ.ପ.- କେନ୍ଦ୍ରୀୟ କପା ଗବେଷଣା ପ୍ରତିଷ୍ଠାନ, ନାଗପୁର
# କପା ଚାଷ ପାଇଁ XXVII(ସତେଇଶତମ) ସାପ୍ତାହିକ ପରାମର୍ଶ

| ODISHA | | ପୂର୍ବ ସପ୍ତାହରେ ବାସ୍ତବିକ ବର୍ଷା (ମିମି) | | | | | ଆଗାମୀ ସପ୍ତାହରେ ଆନୁମାନିକ ବର୍ଷା (ମିମି) | | | | |
|---|---|---|---|---|---|---|---|---|---|---|---|
| | | ନଭେମ୍ବର/ ଡିସେମ୍ବର | | | | | ଡିସେମ୍ବର | | | | |
| | | 06 | 07 | 08 | 09 | 10 | 12 | 13 | 14 | 15 | 16 |
|  | କୋରାପୁଟ | 0 | 0 | 0 | 0 | 0 | 0.2 | 0.1 | 0.1 | 0.1 | 0 |
| | କଳାହାଣ୍ଡି | 0 | 0 | 0 | 4 | 0 | 0 | 0 | 0 | 2 | 2 |
| | ବଲାଙ୍ଗିର | 0 | 0 | 0 | 0 | 0 | 0 | 0 | 0 | 1 | 0 |
| ବର୍ଷ ପରିମାଣ ଓ ରଙ୍ଗ ସଂକେତ | | ୦.୧ ରୁ ୨.୪ ମି ମି | | ୨.୫ ରୁ ୧୫.୫ ମିମି | | ୧୫.୬ ରୁ ୬୪.୪ ମିମି | | ୬୪.୫ ରୁ ୧୧୫.୫ ମିମି | | ୧୧୫.୬ ରୁ ୨୦୪.୪ ମିମି | |
| ବର୍ଷା ପ୍ରକାର | | ଅତି ଅଳ୍ପ ବର୍ଷା | | ଅଳ୍ପ ବର୍ଷା | | ସାଧାରଣ ବର୍ଷା | | ପ୍ରବଳ ବର୍ଷା | | ଅତି ପ୍ରବଳ ବର୍ଷା | |

**କପା ଫସଲ ଅବସ୍ଥା:**

ଓଡିଶାରେ ଏବେ କପା ଫସଲ 152-162 ଦିନ ଅବସ୍ଥାରେ ଅଛି । ତୃତୀୟ ଥରକପା ତୋଳିବା କମ ଚାଲିଛି। ପ୍ରାୟ ସବୁ କପା ଚାଷ ଅଞ୍ଚଳରୁ ଗୁନିଆ କିମ୍ବା ପତ୍ର ଡିଆଁ ପୋକ ଓ କାଣ୍ଡ ବିନ୍ଧା କିମ୍ବା ଗଣ୍ଠି ପୋକ, ଲେଡା ପୋକ ଲାଗିଥିବାର ଖବର ମିଳୁଛି କିନ୍ତୁ ଏ ସବୁ ପୋକ ସଂକ୍ରମଣ ଆର୍ଥିକ ଡାହେଳି ସୀମା ତଳେ ଅଛି । ଅଣବିଟି କପରେ ଅମେରିକୀୟ ବକରା ବିନ୍ଧା ପୋକ ଲାଗି ଥିବାର ସୂଚନା ମିଳିଛି । ଧୂସର ପତ୍ର ଦାଗ ଓ ବୀଜାଣୁ ଜନିତ ପତ୍ର ପୋଡା ରୋଗ ପ୍ରାୟ ସବୁ ଜିଲ୍ଲାରେ ଲାଗି ଥିବାର ଖବର ମିଳିଛି।

**ପରାମର୍ଶ:**

ସମ୍ପୁର୍ଣ ଫୁଟିଥିବା କପା ତୋଳନ୍ତୁ ଏବଂ ଏହାକୁ ସିମେଣ୍ଟ ଚଟାଣ କିମ୍ବା ତାରପଲିନ ଉପରେ ଭଲ ଭାବରେ ଶୁଖାନ୍ତୁ ଯେମିତିକି ଏହାର ଆର୍ଦ୍ରତା 8-10 % ରାହୀବା । ପ୍ରଥମ ଥର ତୋଳା ଯାଇଥିବା କପାକୁ ଅଲଗା ରଖନ୍ତୁ। ପୋକ ଓ ରୋଗର ସ୍ଥିତି ଜାଣିବା ପାଇଁ ନିୟମିତ ଭାବରେ ସର୍ବେକ୍ଷଣ କରନ୍ତୁ। ପାଟଳ ବକରା ବିନ୍ଧା ପୋକର ସଂଖ୍ୟା ଆର୍ଥିକ ଡାହେଳି ସୀମା ଅତିକ୍ରମ କଲେ ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି 250 ମିଲି ସାଇପାରମେଥରିନ 10%EC, କିମ୍ବା 100 ମିଲି ସାଇପାରମେଥରିନ25%EC କିମ୍ବା 200 ମିଲି ଲମ୍ବଡା ସାଇହଲୋଟ୍ରିନ 5% ଇସି କିମ୍ବା 200 ମିଲି ଡେଲ୍ଟା ମେଥ୍ରିନ 2.8 EC କିମ୍ବା 350 ମିଲି ଫେନପ୍ରୋପଥରିନ 10 %ଇସି କିମ୍ବା 200 ମିଲି ଫେନଭାଲେରେଟ 20%EC କିମ୍ବା 120 ମିଲି ଆଲଫା ସାଇପାରମେଥରିନ10%EC ଅଉଷଧକୁ 200 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ପୂର୍ବ ବର୍ଷ ଯେଉଁ ସ୍ଥାନ ମାନଙ୍କରେ ପାଟଳ ବକରା ବିନ୍ଧା ପୋକ ଲାଗିଥିଲା, ସେହି ସ୍ଥାନ ମାନଙ୍କରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡିବ। ଫଳ ଶଢା ଓ ପତ୍ର ଦାଗ ରୋଗର ନିୟନ୍ତ୍ରଯା ପାଇଁ ଲିଟର ପିଛା 3.0 ଗ୍ରାମ କରବେନ୍ଦାଜିମ 12%+ ମାଙ୍କୋଜେବ 63% WP କିମ୍ବା 1 ମିଲି/ଲିଟର ଅଜୋକ୍ଷିସ୍ତ୍ରୋବିନ 18.2%w/w + ଡିଫେନୋକୋନାଜୋଲ 11.4 % w/w କିମ୍ବା 1 ମିଲି/ଲିଟର କ୍ରେସୋକ୍ସିମ ମିଥଇଲ 44.3 5 ଏସସି କିମ୍ବା 1 ମିଲି/ଲିଟର ପ୍ରୋପିକୋନାଜୋଲ 25 EC କିମ୍ବା 0.4 ଗ୍ରାମ /ଲିଟର କରବେନଦାଜିମ 50WP ଔଷଧ ସିଂଚନ କରନ୍ତୁ। ଧୂସର ପତ୍ର ଦାଗ ରୋଗର ନିୟନ୍ତ୍ରଣ ପାଇଁ 1 ଲିଟର ପାଣିରେ 1 ମିଲି ଲିଟର କ୍ରେସୋକ୍ସିମ ମିଥଇଲ 44.3% SC କିମ୍ବା 1 ମିଲି ଲିଟର ଆୟୋକ୍ସିସ୍ତ୍ରୋବିନ 18.2 % ଓ ଡାଇଫେନୋକୋନାଜୋଲ 11.4% ର ମିଶ୍ରଣ ଔଷଧ ପ୍ରୟୋଗ କରନ୍ତୁ।

ଉନ୍ନତ କପା ଉତ୍ପାଦନ ପ୍ରଣାଳୀ ଯଥା ମୃତ୍ତିକା ଓ ବିହନ ଚୟନ, ସାର ପ୍ରୟୋଗ , ବୁଣିବା ପଦ୍ଧତି, ଜଳସେଚନ ଓ ଘାସ ପରିଚାଳନା, ରୋଗ ପୋକ ପରିଚାଳନା ଇତ୍ୟାଦି ଗୋଟିଏ ଅଣ୍ଡ୍ରୋଏଡ ଆଧାରିତ (ସିଆଇସିଆର କଟନ ଆପ )CICR Cotton App ଯାହାକି ଆଇସିଏଆରସିଆଇସିଆର-, ନାଗପୁର ଦ୍ଵାରା ପ୍ରସ୍ତୁତ କରାଯାଇଛି ସେଥିରୁ ରୁ ମିଳି ପାରିବ । ଗୁଗଲ ପ୍ଲେ ଷ୍ଟୋର ରୁ ଏହି ଆପ କୁ ମାଗଣାରେ ଡାଉନଲୋଡ କରା ଯାଇ ପାରିବ । ଏହା ଛଡା ଫସଲର ଅବସ୍ଥା ଓ ପାଣିପାଗ ଭିତ୍ତିକ ସାପ୍ତାହିକ ପରାମର୍ଶ ଗୁଡିକ ଆଇସିଏଆର-ସିଆଇସିଆର ୱେବ ସାଇଟ ରେ ଅପଲୋଡ କରା ଯାଉଛି, ଯାହାସବୁ ଚାଷୀ ମାନଙ୍କ ଉପକାର ପାଇଁ ମଧ୍ୟ ମିଳି ପାରିବ ।